# NATIONAL NEWS BULLETIN (ODIA)

## 13 September - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜର ପୋର୍ଟ୍‌ବ୍ଲେୟାର୍‌କୁ ଶ୍ରୀ ବିଜୟ ପୁରମ୍ ଭାବେ ପୁନଃ ନାମିତ କରିବା ଲାଗି ସରକାରଙ୍କ ନିଷ୍ପତ୍ତି ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଆଜି ଜାମିନ୍ ପ୍ରଦାନ କଲେ ସର୍ବୋଚ୍ଚ ନ୍ୟାୟାଳୟ ।
- ଚତୁର୍ଥ ଅଖିଳଭାରତୀୟ ରାଜଭାଷା ସମ୍ମେଳନକୁ ଆସନ୍ତାକାଲି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- କ୍ରୀଡ଼ା କ୍ଷେତ୍ରରେ ନୂତନ ଭାବେ ଆରମ୍ଭ ହୋଇଥିବା ରିସେଟ୍ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ଅବସରପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ଆହ୍ୱାନ ଦେଲେ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ।

ଏବଂ

- ଶେଷ ହେଲା ଗ୍ରେଟର ନଏଡ଼ା ଠାରେ ତିନି ଦିନ ଧରି ଚାଲିଥିବା ସେମିକନ୍ ଇଣ୍ଡିଆ ୨୦୨୪ ।

# ପୋର୍ଟ୍ ବ୍ଲେୟାର୍-ଶ୍ରୀ ବିଜୟ ପୁରମ୍

ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜର ପୋର୍ଟ୍‌ବ୍ଲେୟାର୍‌କୁ ଶ୍ରୀ ବିଜୟ ପୁରମ୍ ଭାବେ ପୁନଃ ନାମିତ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଉପନିବେଶବାଦ ପ୍ରଭାବରୁ ଦେଶକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସ୍ୱାଧୀନତା ସଂଗ୍ରାମରେ ଦେଶ ହାସଲ କରିଥିବା ବିଜୟ ଶ୍ରୀ ବିଜୟପୁରମ୍ ନାମକୁ ପ୍ରତିଫଳନ କରୁଛି ବୋଲି ସେ କିହଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଦେଶର ସ୍ୱାଧୀନତା ସଂଗ୍ରାମ ଏବଂ ଇତିହାସରେ ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜର ଏକ ଉଲ୍ଲେଖନୀୟ ଭୂମିକା ରହିଛି । ଏକଦା ଚୋଲା ସାମ୍ରାଜ୍ୟ ଶାସନ କାଳରେ ନୌବାହିନୀର ଭିତ୍ତିଭୂମି ଭାବେ ସୁପ୍ରସିଦ୍ଧି ଲାଭ କରିଥିବା ଏହି ଦ୍ୱିପପୁଞ୍ଜ ବର୍ତ୍ତମାନ ଆମର ବିକାଶ ଓ ରଣନୈତିକ ଆକାଂକ୍ଷାର ଭିତ୍ତିଭୂମି ହେବାକୁ ଯାଉଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ସଂଗ୍ରାମ ସମୟରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଦ୍ୱାରା ଏହି ସ୍ଥାନରେ ପ୍ରଥମଥର ଲାଗି ତ୍ରିରଙ୍ଗା ଉତ୍ତୋଳନ କରାଯାଇଥିଲା ବୋଲି ଶ୍ରୀ ଶାହା କହିଛନ୍ତି ।

## ଶାହା-ରାଜଭାଷା ସମ୍ମେଳନ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ନୂଆଦିଲ୍ଲୀଠାରେ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମେଳନ ଏବଂ ସରକାରୀ ଭାଷା ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଦେଶରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ଦେବାର ୭୫ ବର୍ଷ ପୂର୍ତ୍ତି ଅବସରରେ ସରକାରୀ ଭାଷା ବିଭାଗ ଦ୍ୱାରା ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଆସନ୍ତାକାଲି ହିନ୍ଦୀ ଦିବସ ଅବସରରେ ଶ୍ରୀ ଶାହା ରାଜଭାଷା ଭାରତୀ ମ୍ୟାଗାଜିନ୍‌ର ହୀରକ ଜୟନ୍ତୀ ସ୍ୱତନ୍ତ୍ର ସଂସ୍କରଣର ଶୁଭାରମ୍ଭ କରିବେ । ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜଭାଷା ଗୌରବ ଓ ରାଜଭାଷା କୀର୍ତ୍ତି ପୁରସ୍କାର ମଧ୍ୟ ପ୍ରଦାନ କରିବେ ବୋଲି ଜଣାଯାଇଛି ।

## ଏମ୍‌ଓୟୁ-ଏଫ୍‌ସିଆଇ

ଦେଶରେ ଖାଦ୍ୟଶସ୍ୟ ସଂଗ୍ରହ ବିତରଣ ଏବଂ ବିତରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ କ୍ଷମତାପନ୍ନ କରିବା ଉଦ୍ଦେଶ୍ୟରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଏବଂ ଭାରତୀୟ ଖାଦ୍ୟ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏ ସମ୍ପର୍କରେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ

କୁହାଯାଇଛି, ଦେଶରେ ଖାଦ୍ୟ ନିରାପତ୍ତା ଯୋଜନା ଏବଂ ଏ ସମ୍ପର୍କିତ ପାଣ୍ଠିକୁ ଉତ୍ତମରୂପେ ପରିଚାଳନା କରିବା ସହିତ ଏ କ୍ଷେତ୍ରରେ ସ୍ୱଚ୍ଛତା ବୃଦ୍ଧି କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏହାଛଡ଼ା ଖାଦ୍ୟ ରିହାତି ପାଣ୍ଠିର ଉତ୍ତମ ପରିଚାଳନା ସୁନିଶ୍ଚିତ କରିବା ସହିତ ଭାରତୀୟ ଖାଦ୍ୟ ନିଗମର  କାର୍ଯ୍ୟ ଶୈଳୀକୁ ଅଧିକ ସୁସଂହତ କରିବା ଏହାର ଉଦ୍ଦେଶ୍ୟ ବୋଲି ଏହି ବିବୃତ୍ତିରେ କୁହାଯାଇଛି ।

## ଡିଆରଡିଓ-ମିଶାଇଲ୍

ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା ଏବଂ ଭାରତୀୟ ନୌସେନାର ମିଳିତ ସହଯୋଗରେ ଓଡ଼ିଶାର ଚାନ୍ଦିପୁର ସ୍ଥିତ ଆଇ.ଟି.ଆର୍. ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଗତକାଲି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର **VL-SRSA**ର ସଫଳ ପରୀକ୍ଷଣ କରାଯାଇଛି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରାଯାଇ ଏହି କ୍ଷେପଣାସ୍ତ୍ର ବିକଶିତ କରାଯାଇଛି । ଏହାର କ୍ରମାଗତ ବ୍ୟାବହାରିକ ପରୀକ୍ଷା ଦ୍ୱାରା ଏହି କ୍ଷେପଣାସ୍ତ୍ରର କାର୍ଯ୍ୟକାରିତା ଶୈଳୀ ସୁନିଶ୍ଚିତ କରାଯାଇ ପାରିବ । ଏହାଦ୍ୱାରା ଭାରତୀୟ ପ୍ରତିରକ୍ଷା ଶକ୍ତି ଅଧିକ ସଶକ୍ତ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ **VL-SRSA**ର ସଫଳ ପରୀକ୍ଷଣ ଲାଗି ଡି.ଆର୍.ଡି.ଓ., ଭାରତୀୟ ନୌବାହିନୀ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମନସୁଖ ମାଣ୍ଡବ୍ୟ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଶୁଭାରମ୍ଭ କରାଯାଇଥିବା ଅବସରପ୍ରାପ୍ତ କ୍ରୀଡ଼ାବିତ୍ ସଶକ୍ତ ତାଲିମ୍ – ରିସେଟ୍ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ଯୋଗ୍ୟ ଖେଳାଳିମାନଙ୍କୁ ଆହ୍ୱାନ ଦେଇଛନ୍ତି । ୨୦ରୁ ୫୦ ବର୍ଷ ବୟସ୍କ ଅବସରପ୍ରାପ୍ତ ଖେଳାଳି ଯିଏକି ଆନ୍ତର୍ଜାତିକ, ଜାତୀୟ ତଥା ରାଜ୍ୟ ସ୍ତରୀୟ ପଦକ ଜିତିଥିବେ କିମ୍ବା ଏହିସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବେ – ସେହି ଖେଳାଳିମାନେ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଲାଗି ଯୋଗ୍ୟ ବିବେଚିତ ହେବେ । କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଦେଶର ଅବସରପ୍ରାପ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଚିହ୍ନଟ କରି ସଶକ୍ତ କରିବା ଦିଗରେ ଏହି ରିସେଟ୍ କାର୍ଯ୍ୟକ୍ରମ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, ଅବସରପ୍ରାପ୍ତ ଖେଳାଳିମାନଙ୍କର ଦକ୍ଷତା ଏବଂ ଅଭିଜ୍ଞତା ମାଧ୍ୟମରେ ଯୁବ

କ୍ରୀଡ଼ା ପ୍ରତିଭାମାନଙ୍କୁ ଲାଭାନ୍ୱିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ୍ୟ ।

## ସେମିକନ୍ ଇଣ୍ଡିଆ

ଗ୍ରେଟର ନଏଡ଼ା ଠାରେ ତିନି ଦିନ ଧରି ଚାଲିଥିବା ସେମିକନ୍ ଇଣ୍ଡିଆ ୨୦୨୪ ଆଜି ଶେଷ ହୋଇଛି । ଚଳିତ ଥର ଏହାର ବିଷୟବସ୍ତୁ ଥିଲା, "ସେମିକଣ୍ଡକ୍ଟରର ଭବିଷ୍ୟତ ଆକାର" । ଗତ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଦେଶରେ ଇଲେକଟ୍ରାନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଚଳିତ ଦଶନ୍ଧି ଶେଷ ସୁଦ୍ଧା ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର କାରବାର ୫ଶହ ବିଲିୟନ୍ ଡଲାରରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଥିଲେ ।

ଏଥିରେ ବିଶ୍ୱ ସେମିକଣ୍ଡକ୍ଟର କମ୍ପାନୀ ଗୁଡ଼ିକର ଶୀର୍ଷ ନେତୃତ୍ୱ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଛନ୍ତି । ବିଶ୍ୱରେ ସେମିକଣ୍ଡକ୍ଟର କ୍ଷେତ୍ରର ଅଭିବୃଦ୍ଧିରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମିକଣ୍ଡକ୍ଟର ଇକୋ ସିଷ୍ଟମ୍‌ର ବିଭିନ୍ନ ଦିଗ ଉପରେ

ବିଚାରବିମର୍ଷ କରିବା ଲାଗି ଏହି ସମ୍ମିଳନୀ ଭିତ୍ତିଭୂମି ପ୍ରଦାନ କରିବାର ଆଶା କରାଯାଉଛି ।

## ଏସ୍. ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମିଳିତ ଜାତିସଂଘର ୭୯ତମ ସାଧାରଣ ଅଧିବେଶନର ଅଧ୍ୟକ୍ଷ ରୂପେ ଆଜି କାର୍ଯ୍ୟଭାର ଗ୍ରହଣ କରିଥିବା କ୍ୟାମେରୁନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଫିଲେମନ୍ ୟାଙ୍ଗ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ୟାଙ୍ଗ୍‌ଙ୍କ ଅଧ୍ୟକ୍ଷତା କାଳରେ ଗ୍ଲୋବାଲ୍ ସାଉଥ୍ ପ୍ରସଙ୍ଗ ସମେତ ଅନ୍ୟାନ୍ୟ ଲକ୍ଷ୍ୟ ହାସଲ ଦିଗରେ ଭାରତ ସକାରାତ୍ମକ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ଜୟଶଙ୍କର ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ପୂର୍ବରୁ ଚଳିତ ବର୍ଷ ଜୁନ୍ ୬ରେ ଫିଲେମନ୍ ୟାଙ୍ଗ୍ ମିଳିତ ଜାତିସଂଘର ମୁଖ୍ୟାଳୟ ନ୍ୟୁୟର୍କ ଠାରେ ୭୯ତମ ସାଧାରଣ ଅଧିବେଶନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ ।

## ଲଦାଖ୍ ଝନ୍‌ସ୍କାର ମହୋତ୍ସବ

ଲଦାଖ ଝନ୍‌ସ୍କାର ମହୋତ୍ସବ ୨୦୨୪ର ନବମ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି । ଲଦାଖର ଉପରାଜ୍ୟପାଳ ବ୍ରିଗେଡିୟର୍ ବି.ଡି. ମିଶ୍ରା ଏହି ଐତିହାସିକ ମହୋତ୍ସବକୁ  ଉଦ୍‌ଘାଟନ କରିଛନ୍ତି । ଝନ୍‌ସ୍କାରକୁ ସରକାରୀ ଭାବେ  ଜିଲ୍ଲାର ମାନ୍ୟତା ଦିଆଯିବା ପରେ ପ୍ରଥମଥର ଲାଗି ଚଳିତ ବର୍ଷ ଏହି ମହୋତ୍ସବ ପାଳନ କରାଯାଉଥିବାରୁ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଏହି ଦୁଇଦିନିଆ ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ତଥା ବିବିଧ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରାଯିବ । ସେଥିମଧ୍ୟରେ କାର୍ଗିଲ୍‌ର ପୁର୍ଗି ଜନଜାତି, ଦ୍ରାସ୍‌ର ସିନା ସମ୍ପ୍ରଦାୟ, ଆରିୟାନ୍ ଉପତ୍ୟକାର ଦର୍ଦ୍‌-ଆରିୟାନ୍ ବାସିନ୍ଦା ଏବଂ ଚଙ୍ଗ୍‌ଥଙ୍ଗ୍‌ର ଚାଙ୍ଗ୍‌ପା ନୋମାଦ୍ ମାନେ ଏହି ମହୋତ୍ସବରେ ନିଜ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବେ । ଏତଦ୍‌ବ୍ୟତୀତ ହିମାଚଳ ପ୍ରଦେଶର ଲାହାଉଲ୍, ସ୍ପିତି, କିନ୍ନାଉର୍ ଏବଂ ଉତ୍ତରାଖଣ୍ଡରୁ ଅନେକ କଳାକାର ଏହି ଉତ୍ସବରେ ନିଜର ପାରମ୍ପରିକ କଳା ପ୍ରଦର୍ଶନ କରିବେ । ଏହି ଅବସରରେ ବିଭିନ୍ନ ସରକାରୀ ବିଭାଗ, ବେସରକାରୀ ସଂସ୍ଥା ଓ ସ୍ଥାନୀୟ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଷ୍ଟଲ୍‌ମାନ ଖୋଲାଯାଇଛି । ସେଥିରେ ସ୍ଥାନୀୟ ହସ୍ତକଳା, ହସ୍ତଶିଳ୍ପ ସମେତ ସେହି ଅଞ୍ଚଳର ସାଂସ୍କୃତିକ, ଐତିହ୍ୟ ବହନ କରୁଥିବା ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଉଛି ।

## ଗୁଜରାଟ - ବନ୍ୟା

ଏକ ସାତ ଜଣିଆ କେନ୍ଦ୍ରୀୟ ଦଳ ଗୁଜରାଟର ବନ୍ୟା ପ୍ରଭାବିତ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ଵାରା ଗଠିତ ଏହି ଦଳ ଆଜି ଜାମନଗର ଠାରେ ପହଞ୍ଚିବା ପରେ ସେଠାରେ ଚାଲିଥିବା ରିଲିଫ୍, ସହାୟତା ଏବଂ ଫସଲ କ୍ଷୟକ୍ଷତି ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପୂର୍ବରୁ ଏହି ଦଳ ଭଦୋଦରା, ଖେଦା, ଆନନ୍ଦ ଓ ସୁରେନ୍ଦ୍ରନଗର ଜିଲ୍ଲା ପରିଦର୍ଶନ କରି ସ୍ଥାନୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଗସ୍ତ ଅବସରରେ କେନ୍ଦ୍ରୀୟ ଆନ୍ତଃ ମନ୍ତ୍ରଣାଳୟ ଦଳ ଆଜୱା ସରୋବର ଏବଂ ବିଶ୍ଵାମିତ୍ରୀ ନଦୀର ଜଳସ୍ତର ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିବା ଜଣାଯାଇଛି ।

## ବାଂଲାଦେଶ-ଭୂସ୍ଖଳନ

ବାଂଲାଦେଶରେ ଗତକାଲି ରାତିରୁ ଆଜି ସକାଳ ମଧ୍ୟରେ କକ୍ସବାଜାର ଜିଲ୍ଲାରେ ପୃଥକ ପୃଥକ ଭୂସ୍ଖଳନ ହେବା ଫଳରେ ୬ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ କକ୍ସବାଜାରର ଉଖିଆ ରୋହିଙ୍ଗ୍ୟା ଶିବିରରେ ଥିବା ଏକ ପରିବାରର ୩ ଜଣ ଅନ୍ତର୍ଭୁକ୍ତ । ଗତ

ବୁଧବାର ଠାରୁ ଲଗାଣ ବର୍ଷା ଯୋଗୁଁ କକ୍ସବାଜାର ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ଓ ସହର ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ରହିଛି ବୋଲି ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି । କକ୍ସବାଜାର ସହର ମଧ୍ୟରେ ୧୨ରୁ ଅଧିକ ପାହାଡ଼ରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ।

## ବ୍ୟାଡ୍‌ମିଣ୍ଟନ

ଭାରତର ମିକ୍ସଡ୍ ଡବଲ୍ ଯୋଡ଼ି ତାନିଶା କ୍ରାଷ୍ଟୋ ଓ ଧ୍ରୁବ୍ କପିଲା ଭିଏତ୍‌ନାମ ବ୍ୟାଡ୍‌ମିଣ୍ଟନ୍ ଓପନ୍ ୨୦୨୪ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ହୁ ଚି ମିନ୍ ସହରରେ ଚାଲିଥିବା ଏହି ପ୍ରତିଯୋଗିତାର କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ଧ୍ରୁବ୍ ଓ ତାନିଶାଙ୍କ ଯୋଡ଼ି  ଭାରତର ଅନ୍ୟ ଏକ ଯୋଡ଼ି ସତୀଶ କୁମାର କରୁଣାକରନ୍ ଏବଂ ଆଦ୍ୟା ଭାରିଆତ୍‌ଙ୍କୁ ୧୪-୨୧, ୨୧-୧୦ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି । ଅନ୍ୟ ପକ୍ଷରେ ସିଙ୍ଗଲ୍ସ ବର୍ଗରେ ଭାରତର ଥରୁନ୍ ମାନେପାଲି କ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟରେ ଜାପାନ୍‌ର ସୋଗୋ ଓଗାୱାଙ୍କ ଠାରୁ ପରାସ୍ତ ହୋଇଛନ୍ତି ।